ଆରବିଆଇ/୨୦୦୪-୦୫/୪୫୮
ଡ଼ିସିଏମ୍ (ପିଏଲ୍‌ଜି) ନଂ.ଜି ୪୦/୧୦.୦୧.୦୦/୨୦୦୪-୦୫

ମେ ୬, ୨୦୦୫

ଅଧ୍ୟକ୍ଷ/ପରିଚାଳନା ନିର୍ଦ୍ଦେଶକ/ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ/ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ସରକାରୀ ବ୍ୟାଙ୍କ, ଘରୋଇ ବ୍ୟାଙ୍କ୍ ଓ ବିଦେଶୀ ବ୍ୟାଙ୍କ୍

ମହାଶୟା/ପ୍ରିୟ ମହାଶୟ,

**ଅତିରିକ୍ତ/ପରିବର୍ତ୍ତିତ ନିରାପତ୍ତା ବିଶେଷତ୍ୱ ଯୁକ୍ତ ଭାରତୀୟ ବ୍ୟାଙ୍କ ନୋଟ**

ଉଚ୍ଚମାନ ଯୁକ୍ତ ଜାଲନୋଟର (ବିଶେଷକରି ୧୦୦ ଏବଂ ୫୦୦ ମୂଲ୍ୟ ବର୍ଗର ନୋଟ କ୍ଷେତ୍ରରେ) ଦିନକୁ ଦିନ ବଢ଼ି ଚାଲିଥିବା ପ୍ରଚଳନକୁ ଦୃଷ୍ଟିରେ ରଖି ଭାରତ ସରକାର ବ୍ୟାଙ୍କ ନୋଟର ନିରାପତ୍ତା ବିଶେଷତ୍ୱ ଦୃଢ଼ କରିବାକୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ । ଉକ୍ତ କମିଟିର ସୁପାରିଶ ଗୁଡ଼ିକୁ ନିରୀକ୍ଷଣ କଲାପରେ ସରକାରଙ୍କ ଠାରୁ ସ୍ୱୀକୃତି ଲାଭ କରି ରିଜର୍ଭ ବ୍ୟାଙ୍କ୍ ବିଭିନ୍ନ ମୂଲ୍ୟବର୍ଗ ନୋଟର ନିରାପତ୍ତା ମାନରେ ଉନ୍ନତି ସାଧନ ନିମନ୍ତେ କେତେକ ଅତିରିକ୍ତ ନିରାପତ୍ତା ବିଶେଷତ୍ୱ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେଲେ। ଏହି ଅତିରିକ୍ତ, ଉନ୍ନତ, ନୂତନ ନିରାପତ୍ତା ବିଶେଷତ୍ୱ ନୋଟ୍‌ଜାଲ କରିବା ପ୍ରକ୍ରିୟାକୁ ନିରୁତ୍ସାହିତ କରିବା ସହ ନୋଟମାନଙ୍କର ପ୍ରଦର୍ଶିତ ବୈଶିଷ୍ଟ ବୃଦ୍ଧିକରି ଜନସାଧାରଣଙ୍କୁ ବାସ୍ତବ ବ୍ୟାଙ୍କ୍ ନୋଟ ଚିହ୍ନଟ କରିବାରେ ସାହାଯ୍ୟ କରିବ ।

୨. ଅତିରିକ୍ତ/ସଂଶୋଧିତ ନିରାପତ୍ତା ବୈଶିଷ୍ଟ ଯୁକ୍ତ ବ୍ୟାଙ୍କ ନୋଟ ନିକଟ ଭବିଷ୍ୟତରେ ପ୍ରଚଳନ କରାଯିବାର ଲକ୍ଷ୍ୟ ରଖା ଯାଇଛି । ୫୦ଟଙ୍କା ଏବଂ ତଦୁଦ୍ଧର୍ବ ମୂଲ୍ୟବର୍ଗର ନୂତନ ବ୍ୟାଙ୍କ ନୋଟ ୨୦୦୫ ମସିହାରେ ପର୍ଯ୍ୟାୟକ୍ରମେ ପ୍ରବର୍ତ୍ତନ କରାଯିବ । ଆପଣ ଅବଗତ ଅଛନ୍ତି ଯେ ଅର୍ଥପତ୍ର ପ୍ରତିପାଦନ ଓ ପ୍ରକ୍ରିୟାକରଣ କାର୍ଯ୍ୟ ରିଜର୍ଭ ବ୍ୟାଙ୍କରେ ଏବେ ମେସିନ ଦ୍ୱାରା ସମ୍ପାଦିତ ହେଉଛି । ବ୍ୟାଙ୍କ୍ ମାନେ ପର୍ଯ୍ୟପ୍ତ ପରିମାଣର ନୋଟ୍ ପରିଚାଳନା ମେସିନ୍ ବ୍ୟବହାର କରି କେବଳ ମଇଳା ନୋଟଗୁଡ଼ିକୁ ବିନଷ୍ଟିକରଣ ପାଇଁ ରିଜର୍ଭ ବ୍ୟାଙ୍କ୍ କୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥପତ୍ର ପରିଚାଳନା ପଦ୍ଧତିର ଯାନ୍ତ୍ରୀକୀକରଣ କାର୍ଯ୍ୟ ବ୍ୟାଙ୍କ୍ ମାନେ ଚାଲୁରଖିଛନ୍ତି । ତେଣୁ ଏହା ସ୍ୱତସିଦ୍ଧ ଯେ, ବ୍ୟାଙ୍କ ମାନେ ପରିବର୍ତ୍ତିତ ବୈଶିଷ୍ଟ ବିଷୟରେ ଅବଗତ ଅଛନ୍ତି ଏବଂ ସେମାନଙ୍କର ନୋଟ ପରିଚାଳନା ଯନ୍ତ୍ରପାତି କୁ ଏହି ପରିବର୍ତ୍ତନ ସହ ଖାପଖୁଆଇବା ପାଇଁ ଯତ୍ନଶୀଳ ଅଛନ୍ତି। ୫୦, ୧୦୦, ୫୦୦ ଓ ୧୦୦୦ ଟଙ୍କା ମୂଲ୍ୟବର୍ଗର ନୋଟମାନଙ୍କର ପରିବର୍ତ୍ତିତ ନୂତନ ନିରାପତ୍ତା ବୈଶିଷ୍ଟର ତାଲିକା ବ୍ୟାଙ୍କ୍ ମାନଙ୍କର ଅବଗତି ନିମନ୍ତେ ସଂଲଗ୍ନ କରାଗଲା । ବ୍ୟାଙ୍କମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଏହି ବୈଶିଷ୍ଟ ଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରି ଦେଖିବେ ଏବଂ ଏହି ନୋଟ ମାନଙ୍କର ପରିଚାଳନା ପାଇଁ ଉପଯୁକ୍ତ ପଦକ୍ଷେପ ନେବେ ।

୩. ନିରାପତ୍ତା ବୈଶିଷ୍ଟର ପରିବର୍ତ୍ତନ ସମ୍ପର୍କରେ ସୂଚିତ କରିବା ନିମନ୍ତେ ବ୍ୟାଙ୍କ ମାନଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ମାନଙ୍କୁ ନେଇ ଏକ ସଭା ଆହ୍ୱାନ କରାଯିବ ଏବଂ ଏହି ସଭାର ତାରିଖ ଏକ ଭିନ୍ନ ଚିଠି ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯିବ । ନୂତନ ବ୍ୟାଙ୍କନୋଟର ପ୍ରଚଳନ ପୂର୍ବରୁ ରିଜର୍ଭ ବ୍ୟାଙ୍କ୍ ଏକ ଜନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ସଂଚାଳିତ କରିବ ।

ଆପଣଙ୍କର ବିଶ୍ୱସ୍ତ
(**ୟୁ.ଏସ୍.ପାଲିୱାଲ**)
ମୁଖ୍ୟ ମହାପ୍ରବନ୍ଧକ